# ମାଣବସା

# ଧାନମାଣିକିଆ ଓଷା

## mANabasA dhAnaMaNikiA oShA











**ମାଣବସା ଧାନମାଣିକିଆ ଓଷା**

*Festivals of Odisha #**105***
***ver 1.0_110907***

*Publisher :- www.odia.org*
*Price :- Priceless*

*Not for any business use*

# ଶ୍ରୀ ଧାନମାଣିକିଆ ଲେଖନ

ଜୟ ଜଗତ ମାତ କମଳଣୀ ।
ଶ୍ରୀଜଗନ୍ନାଥଙ୍କର ବଲ୍ଲଭୀ ଠାକୁରାଣୀ ।
କାର୍ତ୍ତିକ ଗଲା, ମାର୍ଗଶୀର ହୋଇଲା
ସେ ବାରି ମହାଲକ୍ଷ୍ମୀ ଘରେ ଘରେ ପଶିଲା ।
ଶ୍ରୀ ଗୁରୁବାର ଦିନ ସମସ୍ତେ ଧାନମାଣିକିଆ ଗୁରୁବାର କଲେ ।
ଘର ଲିପି ଝୋଟି ଆଳପଣା କଲେ ।
ଶ୍ରୀ ମହାଲକ୍ଷ୍ମୀ ବୃଦ୍ଧ ରୂପ ଧଇଲେ ।
ହସ୍ତକେ ଗୌରୀ ବେତ, ହସ୍ତକେ ଗୌଣି ଧଇଲେ ।
ନଗ୍ର ବୁଲି ବିଜେ କଲେ ।
ଘରେ ଘରେ ଦେଖିଲେ ।
ସମସ୍ତେ ଲକ୍ଷ୍ମୀ ପୂଜିବାରେ ଲାଗିଛନ୍ତି ।
ପ୍ରଥମା ଅଷ୍ଟମୀ ଯାଏଁ
ତୀରଣ ଦେଇ ଶରଣ ପଶୁଛନ୍ତି ।
ଶ୍ରୀ ମହାଲକ୍ଷ୍ମୀ ଘରେ ଘରେ ପଶି
ବିଜେ କରି ଦେଖିଲେ ।
ଶ୍ରୀମହାଲକ୍ଷ୍ମୀ ସାଧବ ଘରକୁ ବିଜେ କଲେ ।
ଦେଖିଲେ ସାଧବାଣୀ ବସି ଅଛନ୍ତି ।
ଖରାକୁ ପିଠି କରି ଲିଆ ଖାଉ ଅଛନ୍ତି ।
ଶ୍ରୀ ମହାଲକ୍ଷ୍ମୀ ଆଜ୍ଞା କଲେ
ସାଧବାଣୀ ଆଜ ଧାନମାଣିକିଆ
ଗୁରୁବାର ନକଲୁ ।
ତହିଁକି ସାଧବାଣୀ ବୋଇଲା ।
ଇୟେ ବୁଢୀ ଡ଼ାହାଣୀ
ଭଲାକଥାଆସି କହୁଅଛି ।
ଧାନ ମାଣକର ଓଷା
ତାହା ନଜାଣଇ ସାହି ପଡ଼ିଶା ।
ଛାର ଧାନ ମାଣକର ଓଷା କରିବି ।
ଏହାକୁ ହାବୁକା ମାରି ବାହାର କରିଦିଅ ।
ମାରି ବାହାର କରି ଦେଲେ ।
କାନ୍ଦିକରି ମହାଲକ୍ଷ୍ମୀ ବିଜେ କରି ଯାଉଛନ୍ତି ।
ବାଟେ ଜେମା ଦେଇକି ଦେଖିଲେ ।
ବୁଢୀଟିଏ ବାଟେ କାନ୍ଦି କାନ୍ଦି ଯାଉଛନ୍ତି ।
ସୁନା କୁଲାଇରେ, ରୂପା ଭୋଗାଇରେ
ବାଲି ଖେଳ ଖେଳୁଛନ୍ତି ।
ପଚାରିଲେ ଆଇଲୋ
କିମ୍ପାଇ କାନ୍ଦିକରି ଯାଉଛୁ ।
ଶ୍ରୀ ମହାଲକ୍ଷ୍ମୀ ଆଜ୍ଞା କଲେ
ମା'ଗୋ! ଆଜ ଧାନମାଣିକିଆ ଗୁରୁବାର ।
ତୋ ମା'କୁ ବୋଇଲି ଆଜ ଗୁରୁବାର କର ।
ବସିକରି ଲିଆ ଖାଉଛି ।
ଶ୍ରୀ ମହାଲକ୍ଷ୍ମୀ ଆଜ୍ଞା କଲେ ।
ମାଗୋ ଧାନମାଣିକିଆ ଗୁରୁବାର
ବୋଇଲେ ଛାର ଧାନମଣିକିଆ ଓଷା କରିବି ।
ମୋତେ ମାରି ବାହାର କରି ଦେଲା ।
ଜେମାଦେଇ ବୋଇଲେ
ମୋତେ କହ ମୁଁ ଏ ଓଷା କରିବି ।
ଲକ୍ଷ୍ମୀ ଆଜ୍ଞା କଲେ ।
ଆଜ ତିରଣ ଖାଇ ଶରଣ ପଶିବୁ ।
ଆଜ ପୁରୁହାଁ ପୂଜା ନୋହିବେ ।
ଏତେ ଆଜ୍ଞା କରି ।ବଡ଼ ଦେଉଳକୁ ଗଲେ ।
ଆଗ ଜଟ ପଛ ଜଟ ହୋଇଲେ ।
ଦଦାଇଙ୍କି କହିଲେ ।
ମୁଁ ଧାନମାଣିକିଆ ଗୁରୁବାର କରିବି ।
ସେଇ କ୍ଷଣି ସାମଗ୍ରୀ ଅଇଲା ।
ଦହି ଦୁଧ ଅଇଲା ।
ଉଆ ଚାଉଳ ବିରି ପକାଇ ତିରଣ କଲେ ।
ଶ୍ରୀ ମହାଲକ୍ଷ୍ମୀଙ୍କ ତିରଣ ଖାଇ ଶରଣ ପଶିଲେ ।
ସେ ପାଳି ସେହିପ୍ରକାରେ ଗଲା ।
ଆର ପାଳି ଗୁରୁବାର ଦିନ, ସମସ୍ତେ ପ୍ରାତ କାଳରୁ ଉଠିଲେ ।
ଘରଲିପି ଝୋଟି ଦେଲେ । ଲକ୍ଷ୍ମୀ ପୂଜାକଲେ ।
ଶ୍ରୀ ମହାଲକ୍ଷ୍ମୀ ପ୍ରାତ କାଳରୁ ଉଠିଲେ ।
ବୃଦ୍ଧରୂପ ଧଇଲେ । ହାତକେ ବେତ ହାତକେ ଗୌଣି ଧଇଲେ ।
ଶ୍ରୀ ମହାଲକ୍ଷ୍ମୀ ଘରେ ଘରେ ବିଜେ କଲେ ।
ଦେଖିଲେ ସବୁ ଘରେ ଲକ୍ଷ୍ମୀ ପୂଜା ହେଉଛନ୍ତି ।

ଶ୍ରୀ ସାଧବାଣୀ ଘରେ ଦେଖିଲେ ।
ବାସି ଘର ପଡ଼ିଛି । ସାଧବାଣୀ ବସି ପିଠା ଖାଉଛି ।
ଶ୍ରୀ ମହାଲକ୍ଷ୍ମୀ ଆଜ୍ଞା କଲେ ।
ସାଧବାଣୀ ଆଜି
ଧାନମାଣିକିଆ ଗୁରୁବାର ଦୁଇପାଳି କର ।
ସାଧବାଣୀ ବୋଇଲା
ଭଲା ଇଏ ବୁଢ଼ୀ ଖାଇଲା ବେଳକୁ ଆସଇ ।
ପୋଇଲିକି ବୋଇଲା ।
ଏହାକୁ ବାହାର କରିଦିଅ ।
ବୁଢ଼ୀକି ବାହାର କରିଦେଲେ ।
ବୁଢ଼ୀ କାନ୍ଦିକରି ଯାଉଛି ।
ବାଟେ ଜେମାଦେଈକି ଦେଖିଲେ ।
ଆଇଲୋ କିପାଇ କାନ୍ଦିକରି ଯାଉଛ ।
ତହିଁକି ମହାଲକ୍ଷ୍ମୀ କହିଲେ ।
ତୋ ମାକୁ କହିଲି ଆଜି ଗୁରୁବାର ।
ଦୁଇପାଳି ଏକ ପାଳି କର ।
ତହିଁକି ମୋତେ ମାରି ବାହାର କରିଦେଲା ।
ବସି ପିଠା ଖାଉଛି ।
ତହିଁକି ଜେମାଦେଈ ବୋଇଲେ ।
ଆଇଲୋ ମୋତେ କହ ମୁଁ ଏ ଓଷା କରିବି ।
ତହିକି ଆଜ୍ଞା କଲେ ।
ଆଜ ଚିତ୍ତାଉ କରି ଠାକୁରାଣିଙ୍କୁ ଲାଗି ଦେବୁ ।
ପ୍ରସାଦ ସେବା କରିବ ।
ଏତେକ ଆଜ୍ଞା କରି ମହାଲକ୍ଷ୍ମୀ ବିଜେ କଲେ ।
ଜେମାଦେଈ ଘରକୁ ଅଇଲେ । ଆଖୁ ଗୋଛାକରି
ପରିଡ଼ କାନ୍ଦିକରି ଦହି ପାତୁଲି କରି ବାଛିଲେ ।
ବିରି ଘର ଧାନ ଘର କଲେ ।
ମଧ୍ୟରେ ମହାଲକ୍ଷ୍ମୀକି ବିଜେ କରାଇଲେ ।
ଓଷା ପୂଜିଲେ । ନୈବେଦ୍ୟ ଦେଲେ ।
ଚିତ୍ତାଉ କଲେ । ସମସ୍ତ ଧାଈ ବେହେରାକୁ
ଘେନି ଗୁରୁବାର ଓଷା ପୂଜିଲେ ।
ଦୂବ ତଣ୍ଡୁଳ ଘେନିଲେ । ସେପାଳି ସେପରି କଲେ ।
ଆଉ ଆର ପାଳି ସେହି ପ୍ରକାରେ କଲେ ।
ଶ୍ରୀ ମହାଲକ୍ଷ୍ମୀକି ବିଜେ କରିଲେ ।

ବେତ ଗଉଣୀ ଧରି ସମସ୍ତ ଘର ବୁଲି ଆସିଲେ ।
କାହିଁ ଚୂନା କୁଟ ହେଉଛି । କେ ଘର ଲିପୁଛି ।
କେବଣଠାରେ ଶ୍ରୀମହାଲକ୍ଷ୍ମୀକି ସ୍ଥାପି ଓଷା ପୂଜୁଛି ।
ସମସ୍ତ ଘର ବୁଲି ସାଧବ ଘରକୁ ଗଲେ ।
ଦେଖିଲେ ସାଧବାଣୀ ବସିଛି । ଅଇଁଠା ପଡ଼ିଛି ।
ସାଧବାଣୀ ପିଲାଙ୍କ ସଙ୍ଗେ ମତ୍ସ ଭାତ ଖାଉଛି ।
ତାହାଦେଖି ମହାଲକ୍ଷ୍ମୀ ବିମୁଖ ହୋଇଲେ ।
କ୍ରୋଧ ହୋଇ ସାଧବାଣୀକି ଆଜ୍ଞା କଲେ ।
ଧାନମାଣିକିଆ ଅଟେ ଗୁରୁବାର ।
ସଂସାରେ ପୂଜି ସର୍ବେ ଲକ୍ଷ୍ମୀଙ୍କ ପୟର ।
ତାହା ନକରି ବସିଛୁ ମାଛ ଭାତ ଖାଇ ।
ତିନି ପାଳି ଏକ ପାଳି କର କହୁଅଛି ମୁହିଁ ।
ଲକ୍ଷ୍ମୀ ବାଣୀ ଶୁଣି ସାଧବାଣୀ ବିମୁଖ ପାଇଲା ।
ଏ ବୁଢ଼ୀ ନିତି ଖାଇଲା ବେଳକୁ ଆସଇ ସେ ଭଲା ।
ଏହାକୁ ହାବକା ମାରି ଘଉଡାଇ ଦିଅ ।
ପରିବାରିମାନେ ବାହାର କରିଦେଲେ ।
ଶ୍ରୀ ମହାଲକ୍ଷ୍ମୀ ଦାଣ୍ଡେ କାନ୍ଦିକରି ଯାଉଛି ।
ଜେମାଦେଈ ବୋଇଲେ ଆଇଲୋ ମୋତେ କହ ।
ଏ ପାଳିକି କରିବି ତିହିଁକି ଆଜ୍ଞା କଲେ ।
ଏ ପାଳି ସେହୁ ମଣ୍ଡା କରିବୁ । ଲାଗିକରି ଓଷା ପୂଜିବୁ ।
ଏତେକ ଆଜ୍ଞା କରି ବଡ଼ ଦେଉଳକୁ ବିଜେ କଲେ ।
ଜେମାଦେଈ ଘରକୁ ଗଲେ ।
ସ୍ନାହାନ କରି ଶୁକ୍ଳ ବସ୍ତ୍ର ପିନ୍ଧି ସାମଗ୍ରି ଭିଆଁଇ ।
ଛେନା ଗୁଡ଼ ନଡ଼ିଆ କଦଳୀ
ଏତେ ଦ୍ରବ୍ୟେ ମଣ୍ଡା ପିଷ୍ଟକ ତିଆରି କଲେ ।
ଗୁଆ ବସାଇ କୁଙ୍କୁମେ
ସ୍ନାହାନ କରି ସିନ୍ଦୁର କଜ୍ଜ୍ଳ ଦେଇ ।
ସେ ନୈବେଦ୍ୟ ମହାଲକ୍ଷ୍ମୀଙ୍କି ପୂଜାକଲେ ।
ଦୁବ ତଣ୍ଡୁଳ ଘେନିଲେ ।
ଜେମାଦେଈ ପରିବାରି ଘେନି
ସେହି ମଣ୍ଡା ଖାଇଲେ ।
ସେପାଳି ସେହି ପରି ଗଲା ।
ପୁଣି ଆଠ ଦିନେ ପାଳିଏ ପଡ଼ିଲା ।
ପ୍ରାତଃ କାଳରୁ ଶ୍ରୀ ମହାଲକ୍ଷ୍ମୀ ଉଠିଲେ ।

ବେତ ଗଉଣୀ ଧଇଲେ ।
ଘରେ ଘରେ ବୁଲି ବିଜେ କଲେ ।
ପଡ଼ି ଦେବା ସାଆ'ାଣୀ ସାଧବ ଝିଅକୁ ଦେଖିଲେ ।
ସେ ବୋଇଲା ଆଇଲୋ ମୋତେ କହ ।
ଏଥର କି କରିବି ।
ଲକ୍ଷ୍ମୀ ଆଜ୍ଞା କଲେ ।
ଏପାଳି ଆରିଶା ଖିରିସା କରିବୁ ।
ପଡ଼ିଦେବା ସାଆ'ାଣୀ
ସଚରାଚର ଜାକ ବୁଲି ଆସିଲେ ।
ମହାଲକ୍ଷ୍ମୀ ଶ୍ରୀ ସାଧବ ଘରକୁ ବିଜେ କଲେ ।
ସାଧବାଣୀ ଖରାକୁ ପିଠି ଦେଇ ଭାତ ଖାଉଅଛି ।
ଲକ୍ଷ୍ମୀ ଆଜ୍ଞା କଲେ ।
ସାଧବାଣୀ ଚାରିପାଳି ଏକ ପାଳି କର ।
ସାଧବାଣୀ ବୋଇଲା
ଇୟେ ବୁଢ଼ୀ ଭଲା ଖାଇଲା ବେଳକୁ ଆସଇ ।
ଏହାକୁ ବାହର କରିଦିଅ ।
ଦାସୀମାନେ ବାହାର କରିଦେଲେ ।
କାନ୍ଦିକରି ମହାଲକ୍ଷ୍ମୀ ଯାଉଛନ୍ତି ।
ବାଟେ ଜେମାଦେଈକି ଦେଖିଲେ ।
ବୋଇଲେ ଆଇଲୋ ମୋତେ କହ ।
ଏଥର କିକରିବି ।
ଲକ୍ଷ୍ମୀ ଆଜ୍ଞା କଲେ ।
ଏପାଳି ଆରିସା ଖିରିସା କରିବୁ ।
ଏତକ ଆଜ୍ଞା କରି ବିଜେ କଲେ ।
ଜେମାଦେଈ ଘରକୁ ଅଇଲେ ।
ଦଦାଇକି କହିଲେ ।
ସାମଗ୍ରୀ ଅଣାଇଲେ ।
ପଦ୍ମ କାଟି କୁମ୍ଭ ଥାପିଲେ ।
ଆରିସା ଖିରିସା ବାଢ଼ିଲେ ।
ଶ୍ରୀ ମହାଲକ୍ଷ୍ମୀକି ଥାପିଲେ ।
ଦୂବ ପ୍ରସାଦ ଘେନିଲେ ।
ପ୍ରସାଦ ସେବାକଲେ ।
ସେପାଳି ସେପରି ଗଲା ।
ପୁଣି ଆଠ ଦିନେ ଗୁରୁବାର ପଡ଼ିଲା ।

ପ୍ରାତ କାଳରୁ ମହାଲକ୍ଷ୍ମୀ
ନଗ୍ରେ ପଶି ଘରେ ଘରେ ବିଜେ କଲେ ।
ସମସ୍ତ ଘରେ ଲକ୍ଷ୍ମୀ ପୂଜା ହେଉଛନ୍ତି ।
ଲକ୍ଷ୍ମୀ ଶ୍ରୀ ସାଧବ ଘରକୁ ବିଜେ କଲେ ।
ଦେଖିଲେ ସାଧବାଣୀ ବାସି ପିଠା ଖାଉଛି ।
ଲକ୍ଷ୍ମୀ ଆଜ୍ଞା କଲେ
ପାଞ୍ଚପାଳି ଏକ ପାଳି କର ।
ସାଧବାଣୀ ବୋଇଲା
ଏ ବୁଢ଼ୀକି ବାହାର କରିଦିଅ ।
ପରିବାରି ମାନେ ବାହାର କରିଦେଲେ ।
ମହାଲକ୍ଷ୍ମୀ କାନ୍ଦିକରି ଯାଉଛନ୍ତି ।
ବାଟେ ଜେମାଦେଈଙ୍କି ଦେଖିଲେ ।
ଆଇଲୋ କାହିଁକି କାନ୍ଦିକରି ଯାଉଛ ।
ମୋତେ କହ ମୁଁ ଏ ପାଳିକି କରିବି ।
ତହିଁକି ମହାଲକ୍ଷ୍ମୀ ବୋଇଲେ
ଏପାଳି ଖିରିପୁଳି କରିବୁ ।
ଏତକ ଆଜ୍ଞା କରି ମହାଲକ୍ଷ୍ମୀ ବିଜେକଲେ ।
ଜେମାଦେଇ ଘରକୁ ଘରକୁ ଅଇଲେ ।
ପଦ୍ମ କାଟିଲେ କୁମ୍ଭ ଥାପିଲେ ।
ଖିରି ପୁଳି ବାଢ଼ିଲେ ।
ଧାଈ ବେହେରାକୁ ଘେନି ଓଷା ପୂଜିଲେ ।
ମହାଲକ୍ଷ୍ମୀକି ପୂଜାକଲେ ।
ଧୂବ ପ୍ରସାଦ ଘେନିଲେ ।
ପ୍ରସାଦ ସେବାକଲେ ।
ଏମନ୍ତେ ପାଞ୍ଚପାଳି ଗୁରୁବାର କଲେ ।
ଆର ଦିନ ଜେମାଦେଈ ଧୂଳି ଖେଳୁଛନ୍ତି ।
ସୁନା କୁଲାଇରେ ରୂପା ଭୋଗାଇରେ ।
ଏମନ୍ତ ସମୟରେ ରାଜା ଶିକାରକୁ ଯାଉଛନ୍ତି ।
ବାଟେ ଜେମାଦେଈ କି ଦେଖିଲେ ।
ରାଜା ବୋଇଲେ ଇୟେ ଝିଅଟି କାହାର ।
ଲୋକ ବୋଇଲେ ସାଧବ ଘର ଝିଅ ।
ରାଜାବୋଇଲେ ଏହାକୁ ଆମ୍ଭେ ବିଭା ହେବା ।
ଦାଣ୍ଡୁଆ ଡଗରା ଗଲେ ।
ରାଜାଙ୍କୁ କହିଲେ ଦୂର ଗାଁକୁ ଗୁଆ ଗଲା ।

ବାରବାଟି ଛାମୁଣ୍ଡିଆ ହେଲା ।
ରାଜା ଦଳବଳ ଘେନି ବିଜେ କଲେ ।
ଜେମାଦେଈକି ବିଭା ହୋଇଲେ ।
ପଟ ମହାଦେଈକି ଆପଣେ ଶାଢୀ ଦେଲେ ।
ହାତୀଥି ଦା‘ ପାଲିକିରେ
ବସାଇ ରାଜ୍ୟକୁ ନେଲେ ।
ଜେମାଦେଈ ଗଲାଦିନୁ
ସାଧବ ଘର ଦୁଃଖ ପାଇଲା ।
ଖଇ ଖୁଣ୍ଟି ମାଛି ବିଆଡ଼ି ଗଲା ।
ଖେଳି ଗଲା ପୁଅ ନ ଅଇଲା ।
ସମସ୍ତେ ବିକଳ ହୋଇ ବୋଇଲେ ।
ଝିଅ ମହାଦେଈ ଅଛି
ସାଧବ ଯାଇ ଦିଶୁ ମାଗି ଆଣୁ‘ ।
ଏମ‘ ଶୁଣି ସାଧବ ଗଲେ ।
ରାଜା ନବର ଦ୍ୱାରେ ପ୍ରବେଶ ହୋଇଲେ ।
ରାଜା ବେଣ୍ଟ ପୋଖରୀ ପାଶେ ବସିଲେ ।
ଗୋପାଳମାନେ ରୂପା ଗରିଆରେ
ସୁନା ଗରିଆରେ ପାଣି ନେଉଛି ।
ସାଧବ ପଚାରିଲେ
କାହା ଉଆସକୁ ପାଣି ନେଉଛ ।
ସେ କହିଲେ ଜେମାଦେଈଙ୍କ ଉଆସକୁ ।
ସାଧବ ବୋଇଲେ ସାସମଲ ମାନେ
ମହାଦେଈ ଛାମୁରେ ଗୋଚର କର ।
ତୁମ୍ଭ ଦଦାଇ ଅସିଛି ବୋଲି ।
ସେ ଗୋଚର କଲେ ।
ଜେମାଦେଈ ବୋଇଲେ
ସେ ଲକ୍ଷ୍ମୀ ଦୋରହା ହୋଇଛି ।
ତେଣୁ ଦୁଃଖ ପାଇଲେ ।
ବୋଇଲେ ମୋର ଦଦାଇ
ତାଙ୍କୁ ଭୋଜନ ଦିଅ ।
ଷଡ଼ ରସ ବ୍ୟଞ୍ଜନରେ ଅନ୍ନ ଦିଅ ।
ପିନ୍ଧିବାକୁ ବସ୍ତ୍ର ଦିଅ ।
ଧାଈ ବେହେରା ଇୟେ ଚରଚା କଲେ ।
ଉତ୍ତମ ହୋଇ ଦିନାକେତେ ରହିଲେ ।

ଜେମାଦେଈ ପାଟ ମହାଦେଈ ବିଚାରିଲେ ।
ଏହାକୁ କିଦେବି । କିପ୍ରାପ୍ତି ହେବ ।
ଏମ‘ ବୋଲି କଖାରୁଟିଏ କୋରିଲେ ।
ତହିଁରେ ଅଷ୍ଟ ରତ୍ନ ପୁରାଇଲେ ।
ମୁଦୁସୁଲିଙ୍କ ହାଥରେ କଖାରୁ ଟିଏ ଦେଲେ ।
ବୋଇଲେ ଏୟେ କଖାରୁଟି ଘେନି ଘରକୁ ଯାଅ ।
ସାଧବ କଖାରୁଟି ଘେନି ଯାଉଛି ।
ଶ୍ରୀ ମହାଲକ୍ଷ୍ମୀ କୋପ କଲେ ।
ଅଷ୍ଟବେତାଳକୁ ଆଜ୍ଞା କଲେ ।
ସାଧବ କଖାରୁଟି ଘେନି ଆସ ।
ସାଧବ କଖାରୁଟି ଘେନି ପାଣି ପିଉଛି ।
ଅଷ୍ଟ ବେତାଳ କଖାରୁଟି ଘେନିଗଲେ ।
ଶ୍ରୀ ମହାଲକ୍ଷ୍ମୀଙ୍କ ଛାମୁରେ ଦେଲେ ।
ସାଧବ ପାଣି ପିଇସାରି
ଦେଖିଲା କଖାରୁଟି ନାହିଁ ।
ବୋଇଲେ ପୋଡ଼ୁ ମୋର କରମ ।
କଖାରୁଟି ଥିଲେ ପିଠାକରି ଖାଇ ଥାଆ‘ାଇଁ ।
ଏମ‘ ବୋଲି ବିମୁଖ ହୋଇଲେ ।
ସାଧବାଣୀ ପଚାରିଲେ ମହାଦେଇ କି ଦେଲେ ।
ସାଧବ ବୋଇଲେ କଖାରୁଟିଏ ଦେଇଥିଲେ ।
ପୋଖରୀ ତୁଠରେ ରଖି ପାଣି ପିଉଥିଲି ।
କି ଇୟେ ଘେନି ଗଲା ।
ୟେହା ଶୁଣି ବିମୁଖ ହୋଇଲା ।
ୟେମେଟେ‘ ସେ ଦୁଃଖେ ସୁଖେ ଥାି ।
ଖାଇବାକୁ ଅନ୍ନ ନାହିଁ ।
ପିନ୍ଧିବାକୁ ବସ୍ତ୍ର ନାହିଁ ।
ସାଇ ପଡ଼ିଶା ବୋଇଲେ ।
ସାଧବାଣୀ ତୁମ୍ଭେ ଯାଅ
ମାଇପିଙ୍କ ସଙ୍ଗରେ ଭିତରକୁ ଯିବ ।
ଝିଅ ଦେଖି ଦୟା କରିବେ ।
ସମସ୍ତଙ୍କ ବୋଲେ ସାଧବାଣୀ ଗଲା ।
କିଛୁ ଦୂର ଯାଇ
ରାଜାଙ୍କ ସିଂହ ଦ୍ୱାରେ ପ୍ରବେଶ ହୋଇଲା ।
ଯାଇ ବେଣ୍ଟ ପୋଖରୀ କୂଳରେ ବସିଲା ।

ସୁନା ଗରିଆରେ ରୂପା ଗରିଆରେ
ସାସମଲମାନେ ପାଣି ନେଉଛନ୍ତି ।
ବୋଇଲେ କାହା ଉଆସକୁ ପାଣି ନେଉଛ ।
ସେ କହିଲେ ଜେମାଦେଈ ପାଟ ମହାଦେଈଙ୍କ
ଉଆସକୁ ନେଉଛୁ ।
ସାଧବାଣୀ କହିଲେ
ମହାଦେଈଙ୍କ ଛାମୁରେ ଗୋଚର କର ।
ତୁମ୍ଭ ମା ଆସିଛନ୍ତି ବୋଲି ।
ତହିଁକି ଉପହାସ କଲେ ।
ଥୋକେ ବୋଇଲେ ହୋଇଥିବେ ଅବା ।
ସେ ଛାମୁରେ ଜଣାଇଲେ ।
ତାଙ୍କୁ ଦେଖି ମହାଦେଈ କାନ୍ଦିଲେ ।
ତାଙ୍କୁ ମର୍ଦ୍ଦନ ମାର୍ଜନା କରାଇଲେ ।
ଉତ୍ତମ ଶାଢୀ ବସ୍ତ୍ର ଦେଲେ ।
ଉତ୍ତମ ଅଳଙ୍କାର ଦେଲେ ।
ଠାଆ ପିଢା କରି ଦେଲେ ।
ଉତ୍ତମ ସାଳୀ ଅନ୍ନ
ଷଡ଼ରସ ମେଞ୍ଜନ ଦେଲେ ।
ଖିରି ଖିରିସା ନାନାବର୍ଣ୍ଣ
ପିଠା ଆଣି ଖାଇବାକୁ ଦେଲେ ।
ଏମନ୍ତେ ତାଙ୍କ ପେଟ ପୂରିଲା ନାହିଁ ।
ମହାଦେଈ ଭାତ ଆଣି ପରସିଲେ ।
ତାଙ୍କ ପେଟ ପୂରିଲା ।
ଜେମାଦେଈ ବୋଇଲେ
ଲକ୍ଷ୍ମୀ କଷଣ ଇୟେ ।
ୟେମ' ବିଚାରି ତୁନିହୋଇ ରହିଲେ ।
ସେ ଭୁଞ୍ଜିସାରି ସ୍ୟୟନ କଲେ ।
ୟେମନ୍ତ ସୁଖ ପାଇ କିଛିଦିନ ରହିଲେ ।
ୟେମନ୍ତ କିଛି ଦିନ ଉତ୍ତାରୁ
ଧାନମାଣିକିଆ ଗୁରୁବାର ପଡିଲା ।
ମହାଦେଈ ଫୁଲମାଳ ମଣ୍ଡିଲେ ।
ମାଙ୍କୁ ବୋଇଲେ କାଲି ଗୁରୁବାର ହେବ ।
ଠାକୁରାଣୀଙ୍କି ସେବା କରିବ ।
ଆରଦିନ ମହାଲକ୍ଷ୍ମୀଙ୍କି ସେବା କଲେ ।

ପ୍ରଥମ ପାଳି ପୂଜା ନକଲେ
ତିରଣ ଖାଇ ସରଣ ପସିଲେ ।
ମାଙ୍କୁ ବୋଇଲେ ତିରଣ ଖାଇ ଆସ ।
ସେ କହିଲେ
ତୋ ପିଲାଙ୍କ ଠାରୁ ଭାତ ଖାଇଲିଣି ।
ସେ ବୋଇଲେ ପୋଡୁ ତୋର ପେଟ ।
କାଳକ ଲକ୍ଷ୍ମୀ ସେବା ନକଲୁ ।
ସେପାଳି ଗଲା ଆରପାଳି ମାକୁ ଡାକିଲେ ।
କଥା କହିଲା ବେଳକୁ ମାକୁ ଡକାଇଲେ ।
ମା ବୋଇଲେ
ତୋ ପିଲାଙ୍କ ଠାରୁ ପିଠା ଖାଇଲିଣି ।
ମହାଦେଈ ବୋଇଲେ ପୋଡୁ ତୁମ୍ଭ ପେଟ ।
ୟେମନ୍ତ ବୋଲି ଲକ୍ଷ୍ମୀ ପୂଜା ସାରିଲେ ।
ଦୂବ ତଣ୍ଡୁଳ ଘେନିଲେ ।
ଚିତ୍ତାଉ ଲାଗି କଲେ ।
ପ୍ରସାଦ ସେବା କଲେ ।
ସେ ପାଳି ସେହିପରି ଗଲା ।
ପୁଣି ଆଠଦିନେ ପାଳିଏ ପଡିଲା ।
ଜେମା ଦେଈ ମାଁଙ୍କୁ ବୋଇଲେ ।
ଆଜ ଗୁରୁବାରେ ଉପବାସେ ଥିବ ।
ଏମନ୍ତ ବୋଲି ଲକ୍ଷ୍ମୀ ପୂଜାକଲେ ।
ମାଙ୍କୁ ଡକାଇଲେ ।
ସେ କହିଲେ ପିଲାଙ୍କଠାରୁ ଭୁଜା ଖାଇଲିଣି ।
ମାହାଦେଈ ବିମୁଖ ହେଲେ ।
ଲକ୍ଷ୍ମୀ ପୂଜାସାରି ଦୂବ ପ୍ରସାଦ ଘେନିଲେ ।
ସେହୁ ମଣ୍ଡାଲାଗି କରାଇଲେ ।
ସେପାଳି ସେପରି ଗଲା ।
ପୁଣି ଆର ପାଳି ମାକୁ ଡକାଇଲେ ।
ବୋଇଲେ ଚାରିପାଳି ଏକ ପାଳିକର ।
ୟେମନ୍ତେ କହି ଲକ୍ଷ୍ମୀ ପୂଜାକୁ ଗଲେ ।
ମହାଲକ୍ଷ୍ମୀଙ୍କି ଛାପିଲେ ।
ମାତାଙ୍କୁ ଡାକିଲେ ।
କଥା ଶୁଣିବ ଆସ ।
ତୋ ପିଲାଙ୍କଠାରୁ ଭାତ ଖାଇଲିଣି ।

ବୋଇଲେ ପୋଡୁ ତୋର ପେଟ ।
ଏମ' ବୋଲି ଲକ୍ଷ୍ମୀ ପୂଜା ସାରିଲେ ।
ଦୂବ ତଣ୍ଡୁଳ ଲଗାଇଲେ ।
ଆରିଶା ଖିରି ଖେଚିଡି
ଲକ୍ଷ୍ମୀଙ୍କି ପୂଜାଦେଇ ପ୍ରସାଦ ପାଇଲେ ।
ସେପାଳି ସେପରି ଗଲା ।
ପୁଣି ସରନ୍ତା ପାଳି ମାକୁ କହିଲେ
ପାଞ୍ଚପାଳି ଏକପାଳି କର ।
ଏମନ୍ତ ବୋଲି କାନିକି କାନି ଗଇଁଠାଇଲେ ।
ସମସ୍ତ ପାଇଟି ମାନ ସାରିଲେ ।
ମହାଲକ୍ଷ୍ମୀକି ସ୍ଥାପିଲେ ।
ଆଖୁ କଦଳି ନଡିଆ ଖଣ୍ଡ ସାକର ବାଢିଲେ ।
ମାଣିକ୍ୟର ଦୀପାବଳୀ ଜାଳିଲେ ।
ଶ୍ରୀ ମହାଲକ୍ଷ୍ମୀ କୋଠିକି ବିଜେ କଲେ ।
ଆଜ୍ଞା କଲେ ଲକ୍ଷ୍ମୀ ଦୋରେହା ଘରେ ଅଛି ।
ତାହାକୁ ବାହାର କାରିଦିଅ ।
ସାତ ଖଣ୍ଡି କନା ପିନ୍ଧାଇ
ତିନି ଖଣ୍ଡି କନାଦେଇ ବାହାର କରିଦିଅ ।
ଜେମାଦେଇ ବାହାର କରିଦେଲେ ।
ସାଧବାଣୀ ବିରି ମରିଆ ତଳେ ରହିଲେ ।
ବିରିମରାଇରୁ ବିରି ଖୁଣ୍ଟୁଛି ।
ଚାଉଳ ମରାଇରୁ ଚାଉଳ ଖୁଣ୍ଟୁଛି ।
ପରମ ଲକ୍ଷ୍ମୀ ବୋଲି କାନ୍ଦୁଛି ।
ଶ୍ରୀ ମହାଲକ୍ଷ୍ମୀ ବୋଇଲେ ।
ସାଧବାଣୀ ମୋତେ ସୁମରିଲା ।
ସାଧବାଣୀ ପୂର୍ବଧର୍ମ ପ୍ରକାଶିଲା ।
ଶ୍ରୀ ମହାଲକ୍ଷ୍ମୀ ବୋଲି ସୁମରଣ କଲା ।
ଶ୍ରୀ ମହାଲକ୍ଷ୍ମୀ ଅଷ୍ଟବେତାଳଙ୍କୁ ଆଜ୍ଞା କଲେ ।
ବୋଇଲେ ସାଧବାଣୀ ମୋତେ ସୁମରଣା କଲା ।
ତାକୁ ରତ୍ନ ହାଦୋଳାରେ ବସାଇ
ତା ଘରେ ଛାଡି ଦିଅ ।
ଅଷ୍ଟବେତାଳେ ତାଘରେ ଛାଡ଼ି ଦେଲେ ।
ସେହି ଘରେ ସେହି ସମ୍ପତ୍ତି ପାଇଲା ।
ଖେଳିଗଲା ପୁଅ ଅଇଲା ।

ଚରିଗଲା ଗାଈ ଅଇଲା ।
ଲକ୍ଷ୍ମୀ କୃପାରେ ଧନଜନ ବିପୁଳ ଭୋଗକଲେ ।
ଯେମନ୍ତେ କିଛିଦିନ ଗଲା ।
ମହାଦେଇ ରାଜାଙ୍କୁ କହିଲେ ।
ମୁଁ ବାପାଙ୍କ ଘରକୁ ଯିବି ।
ରାଜା ହାତଥୀ ଦାନ୍ତପାଲିଙ୍କି ସଜ କଲେ ।
ଷୋଳ ଖଦି ଚାମର ପକାଇଲେ ।
ମହାଦେଇ ପାଲିଙ୍କିରେ ବସି ବିଜେ କଲେ ।
ସାଧବାଣୀ ସାଧବକୁ କହିଲେ ।
ସାଧବ ବୋଇଲେ ତାହାଛାର ମୁଖ ନଚାହିଁବି ।
ଯେମନ୍ତେ ବୋଲି କବାଟ କିଳି
ଘରେ ପଶିଲେ ।
ମହାଦେଇ ପାଲିଙ୍କିରୁ ଓହ୍ଲାଇ ଘରକୁ ଗଲେ ।
ଘରେ କାହାକୁ ନଦେଖିଲେ ।
ଚୁଲି ମୁଣ୍ଡ ଠେକିରୁ ଲୁଣ ଟିକେ ଆଣିଲେ ।
ଟିକିଏ ତୁଣ୍ଡେ ପକାଇଲେ ।
ଟିକିଏ କାନିରେ ବାନ୍ଧିଲେ ।
କଜ୍ଜ୍ୱଳ ପାତିରୁ କଜ୍ଜ୍ୱଳ ଟିକିଏ ଲଗାଇଲେ ।
ମହାଦେଇ ପାଲିଙ୍କିରେ ବସିଲେ ଉଠି ଘରକୁ ଗଲେ ।
ରାଜା ପଚାରିଲେ ମହାଦେଇ ବାପଘର ଗଲ
କିଖାଇଲ । କି ଲଗାଇଲ ।
ମହାଦେଇ କହିଲେ ସଂସାର ସାର ଖାଇଲୁ ।
ସଂସାର ସାର ଲଗାଇଲୁ ।
ରାଜା ଶୁଣି ଦୁଃଖ କାଲେ ।
ଆମ୍ଭେ ରାଜା ଆମ୍ଭଙ୍କୁ ନମିଳିଲା ।
ଏହା ବାପ ଘରକୁ ମିଳିଲା ।
ଏମନ୍ତ ବୋଲି ଦୁଃଖ କଲେ ।
ମହାଦେଇ ରାଜାଙ୍କ ମନ ଜାଣିଲେ ।
ମହା ସୁଆରକୁ ଡକାଇଲେ ।
ବୋଇଲେ ସେବତୀ ଖିରୀ
ଚାରି ତିଉଣ ଅଲଗା କରିବ ।
ଆଜ୍ଞାପାଇ ସୁଆର ଅଲଗା କରି ରାନ୍ଧିଛି ।
ମହାଦେଇ ଅଷ୍ଟରତ୍ନ ଲଗାଇଲେ ।
ପାଟ ପିନ୍ଧି ପାଟେ ଉପରାଣ ଦେଲେ ।

ରାଜା ଦେବାର୍ଚ୍ଚନ ମଣୋହିକି ବିଜେକଲେ ।
ସେବତୀ ଖିରି ଚାରି ତିଉଣ ଅଲଗା ହୋଇଛି ।
ରାଜା ବିମୁଖ ହୋଇ ଆଜ୍ଞା କଲେ ।
ମହାସୁଆର ହାତ ଛେଦନ କରିପକାଅ ।
ଏହା ଶୁଣି ମହାଦେଈ ପାଦେ ପଡି ଶୋଇଲେ ।
ବୋଇଲେ ମୁଁ ଏହା କରିଛି ।
ଏୟେ ଦଣ୍ଡ ମୋତେ ହେଉ ।
ଆଜ୍ଞା ଯେ କଲ ।
ବାପଘର ଗଲ । କି ଖାଇଲ ।
ଯେତେ ପ୍ରକାରେ ରନ୍ଧନ ହୋଇଛି ।
ଭୋଜନ କରିନପାରିଲ ।
ଆମ୍ଭଠାରେ କଜ୍ଜ୍ୱଳ ନାହିଁ ।
ଶୋଭା ଦିଶୁନାହିଁ ।
ତାଙ୍କୁ ଛାରକୁ କିନମିଳିବ ।
ସଂସାର ସାରଟି ଲୁଣ ।
ସଂସାର ସିନ୍ଦୁରଟି କଜ୍ଜ୍ୱଳ ।
ରଜା ଶୁଣି ସନ୍ତୋଷ ହୋଇଲେ ।
ମହାଦେଈଙ୍କି କୋଳ କଲେ ।
ବଡ଼ ମହାଦେଈକି ମାପଣେ ଶାଢୀ ଦେଲେ ।
ଲକ୍ଷ୍ମୀ କୃପାରେ ପୁତ୍ର ଜନ୍ମ କଲେ ।
ସାତ ପୁଅ ଦୁଲଣୀଟିଏ ହେଲେ ।
ତଙ୍କରାଜ୍ୟରେ ସନ୍ତତି କାଟିଲେ ।
ଧାନ ମାଣିକିଆ ଏଡ଼େ ସଂପତ୍ତି ପାଇଲେ ।
ହେ ଜନମାନେ ଇୟେ ଓଷାରେ ।
ଦରିଦ୍ର ଦଶା ଖଣ୍ଡନ ହେବ ।
ଅନ୍ତ କାଳେ ବୈକୁଣ୍ଠରେ ବସିବ ।
ଧାନ ମାଣିକିଆ ସଦା ଜୟ ।

odia.org

ଓଡିଆ ଘର ଏବଂ ଓଷା ଉପାସ ପରସ୍ପର ଅଙ୍ଗାଙ୍ଗୀଭାବେ ଜଡିତ । କିନ୍ତୁ, ଓଡିଶା ବାହାରେ ରହୁଥିବା ଓଡିଆ ମନଙ୍କର ଓଷା ଓ ବ୍ରତ ପାଳନ କରିବାକୁ ଇଛା ଥିଲେହେଁ, ପୁସ୍ତକର ଘୋର ଅଭାବ ଯୋଗୁଁ ଏ ସଂସ୍କୃତି ଲୁପ୍ତପ୍ରାୟ । ଏଣୁ ଏ ସମସ୍ତ ପୁସ୍ତକ ଯୋଗାଇବା ନିମନ୍ତେ ଏହା ଆମର ଏକ କ୍ଷୁଦ୍ର ପ୍ରଚେଷ୍ଟା ।

ଏଥିଯୋଗୁଁ ଓଷା ଓ ବ୍ରତ ପାଳନ କରିବାକୁ ଅନେକ ଓଡିଆ ଆଗଭର ହେବେ ଏବଂ ଆମର ସଂସ୍କୃତିର ସୁରକ୍ଷାଦିଗରେ ସତତ ଚେଷ୍ଟା କରିବେ । ଏହାହିଁ ଆମର କାମ୍ୟ ।

- ଓଡିଆ ଡଟ୍ ଅର୍ଗ ପରିବାର



ଆସନ୍ତୁ, ପାଦେ ଆଗେଇବା